## କାଠ ପଟା ବୋଝେଇ ଗାଡ଼ି ଜବତ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବେତନଟୀ ବନବିଭାଗ ଚଢ଼ାଉ କରି ଏକ କାଠ ପଟା ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରିଛି । ଜବତ ପଟାର ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ବନ ବିଭାଗ କହିଛି। ରେଞ୍ଜର ଘନଶ୍ୟାମ ସିଂଙ୍କ ନେତୃତ୍ୱରେ ବଡାମପୁର ସେକ୍ସନ ଅଞ୍ଚଳରେ ଏହି ଚଢ଼ାଉ କରାଯାଇଥିଲା। ଡେପୁଟୀ ରେଞ୍ଜର ରାଜେଶ ମହାକୁଡ଼, ବନପାଳ ସୁଶାନ୍ତ ବାଗ, ଶିରିଶ ଦଲେଇଙ୍କ ସମେତ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ ।

### ସଂକ୍ଷେପରେ

## ମାଛଧରାକୁ ନେଇ ଗଣ୍ଡଗୋଳ: ଥାନାରେ ମାମଲା

**ବନ୍ତ, ୧୫।୯(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ବୋଡ଼କପାଟଣା ଗ୍ରାମ ଲକ୍ଷ୍ମୀଧର ସ୍ୱାଇଁ ଓ ଅନାମ ସେଠୀଙ୍କ ମଧରେ କେନାଲରୁ ମାଛ ଧରିବା ନେଇ ଗଣ୍ଡଗୋଳ ହୋଇଥିଲା। ରବିବାର ରାତିରେ ଲକ୍ଷ୍ମୀଧରଙ୍କ ଘର ସାମନାରେ ଥିବା ବାଇକ୍ (ନଂ. ଓଡ଼ି-୨୨ଏଲ-୫୧୪୪)କୁ ପୋଡ଼ି ଦିଆଯାଇଥିବା ଲକ୍ଷ୍ମୀଧରଙ୍କ ପୁଅ ହେମନ୍ତ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡରେ ଲକ୍ଷ୍ମୀଧରଙ୍କ ଗୁହାଳ ଘର ଆଂଶିକ ପୋଡ଼ିଯାଇଛି। ଅଭିଯୋଗକୁ ଭିତ୍ତି କରି ମାମଲା(ନଂ. ୧୦୧/୨୦) ରୁଜୁ କରାଯାଇଛି। ପୋଲିସ ୨ଜଣଙ୍କୁ ପଚରାଉଚୁରା କରି ଛାଡିଦେଇଛି।

## ସମ୍ପର୍କୀୟଙ୍କ ଘରେ ମହିଳାଙ୍କ ଆତ୍ମହତ୍ୟା

**ରାଇରଙ୍ଗପୁର,୧୫।୯(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ୱାର୍ଡ ନଂ.୧୫ ଅଞ୍ଚଳରେ ରହୁଥିବା ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଅଙ୍ଗାରପଦା ଗ୍ରାମର ସୀତାମଣି ବାସ୍କେ। ସେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହୁଥିବା ବେଳେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭/୨୦) ରୁଜୁ ହୋଇଛି।

## ପୋଖରୀରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର,୧୫।୯(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ମୁଣ୍ଡାଠାକୁରା ନିକଟସ୍ଥ ଏକ ପୋଖରୀରୁ ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ହାଡ଼ଭଙ୍ଗା ଗ୍ରାମର ସୋମନାଥ ସର୍ଦ୍ଦାର। ମୃତ ସୋମନାଥ ମୁଣ୍ଡାଠାକୁରା ଗ୍ରାମସ୍ଥିତ ଏକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

## ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ

**ସଜନାଗଡ଼, ୧୫।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବିଭିନ୍ନ ପଞ୍ଚାୟତରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷ ହିଁ ଜୀବନ ବୃକ୍ଷ ବିନା ପରିବେଶ ତିଷ୍ଠି ପାରିବ ନାହିଁ ବୋଲି ଦିଗଦର୍ଶନ ଦେଇଥିଲେ। ଔପଦା ବ୍ଲକର ଦକ୍ଷିଣ ନରସିଂହପୁର ପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଚମ୍ପାଖଣ୍ଡଠାରୁ ବାଉଁଶବଣିଆ ରାସ୍ତାର ଦୁଇ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ନାୟକ ଯୋଗ ଦେଇ ବୃକ୍ଷରୋପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ପଞ୍ଚାୟତର ସହକାରୀ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ବିକାଶ କୁମାର ସ୍ୱାଇଁ, ସରପଞ୍ଚ ସୁଚିତ୍ରା ପ୍ରଧାନ, ସମିତିସଭ୍ୟ ଅଶୋକ କୁମାର ଜେନାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଜଡ଼ିଦା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ 'ସେବା ସପ୍ତାହ' ପାଳନ ଅବସରରେ ଜଡ଼ିଦା ଓ ସିଆଡ଼ମାଳ ପଞ୍ଚାୟତର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଧାୟକ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗଙ୍ଗାଧର ମିଶ୍ର, ରାଜୀବ କୁମାର ଦାସବାବୁ, କୈଳାସ ମହାନ୍ତି, ବିନୋଦ ମହାନ୍ତିଙ୍କ ସମେତ ବହୁକର୍ମୀ ଉପସ୍ଥିତ ଥିଲେ।

# ବ୍ୟାଙ୍କ ପରିସରରେ ଭିଡ଼ ଜମାଇଲେ ଜମାକାରୀ

**ବାରିପଦା ଅଫିସ,୧୫।୯**



**ବାରିପଦା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ**
- ୮ ସପ୍ତାହ ମଧରେ ଟଙ୍କା ଫେରାଇବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ

ମୟୂରଭଞ୍ଜ ଜିଲାରେ ଥିବା ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସମସ୍ତ ଜମାକାରୀଙ୍କୁ ଜମାଟଙ୍କା ଫେରସ୍ତ ଦେବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଜମାକାରୀମାନଙ୍କୁ ଚିହ୍ନଟ ପୂର୍ବକ ସମସ୍ତ ପ୍ରକ୍ରିୟା ଅନୁସରଣ କରି ୮ ସପ୍ତାହ ମଧରେ ଜମାଟଙ୍କା ଫେରସ୍ତ ଦେବାକୁ କୋର୍ଟ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଏହି ଖବର ପ୍ରଚାରିତ ହେବା ପରେ ଜମା ଟଙ୍କା ଫେରିପାଇବା ଆଶା ନେଇ ବ୍ୟାଙ୍କ ପରିସରରେ ଜମାକାରୀଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି।

ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଅଧୀନସ୍ଥ ରାଇରଙ୍ଗପୁର, କରଞ୍ଜିଆ ଓ ଉଦଳା ଶାଖାରେ ଥିବା ମୋଟ ୭୨ହଜାର ଜମାକାରୀଙ୍କ ଟଙ୍କା ଫେରିପାଇବାକୁ ରହିଛି । ବ୍ୟାଙ୍କିଙ୍ଗ ଲାଇସେନ୍ସ ପାଇଥିବା ବାରିପଦା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ଆର୍ଥିକ ଅନିୟମିତତାକୁ ନେଇ ୨୦୧୪ ଅକ୍ଟୋବରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହାର ଲାଇସେନ୍ସକୁ ରଦ୍ଦ କରାଯାଇଥିଲା । ଏହାକୁ ନେଇ ଜମାକରୀଙ୍କ ପକ୍ଷରୁ ଏକ ଅପିଲ କରାଯାଇଥିଲେ ମଧ ତାହା ୨୦୧୮ଏପ୍ରିଲ ୨୪ତାରିଖରେ ଖାରଜ ହୋଇଯାଇଥିଲା। ଫଳରେ ଜମାକାରୀଙ୍କ ଜମାଟଙ୍କା ଫେରିବାରେ ଆଶା ମଉଳି ଯାଇଥିଲା । ପରେ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତେବେ ଅନ୍ତରୀଣ ନିର୍ଦ୍ଦେଶ ଭାବେ ଗତ ଜୁନ ୨୫ରେ ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ କହିଥିଲେ । ଜଣିକିଆ ଖଣ୍ଡପୀଠଙ୍କ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ଅପିଲ କରାଯାଇଥିଲା। ମାମଲାର ପ୍ରାରମ୍ଭିକ ଶୁଣାଣି କରି ଡିଭିଜନ ବେଞ୍ଚ ଜମାଟଙ୍କା ଫେରସ୍ତ ଉପରେ ଅନ୍ତରୀଣ ରହିତାଦେଶକୁ ହଟାଇବା ସହିତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦେବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବ୍ୟାଙ୍କର ସୁପରିଚାଳନା ପାଇଁ ଲିକ୍ୟୁଡେଟର ନିଯୁକ୍ତି ଶେଷ ମଧ ହୋଇଛି । ଏହି ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ମାମଲା ଏବେ ଉଚ୍ଚ ନ୍ୟାୟାଳୟରେ ବିଚାରାଧିନ ରହିଛି। ଅନ୍ୟପକ୍ଷେ ଲାଇସେନ୍ସ ରଦ୍ଦ ଓ ଲିକ୍ୟୁଡେସନ ପ୍ରକ୍ରିୟାକୁ ନେଇ ଦାୟର ହୋଇଥିବା ମାମଲା ଜଣିକିଆ ଖଣ୍ଡପୀଠରେ ବିଚାରାଧିନ ରହିଛି ବୋଲି ଅର୍ବାନ ବ୍ୟାଙ୍କର ପ୍ରାକ୍ତନ ସଭାପତି ଗିରିଧାରୀ ପୃଷ୍ଟି ସୂଚନା ଦେଇଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଶୁଣିବା ପରେ ବ୍ୟାଙ୍କ ପରିସରରେ ଜମାକାରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି। ତେବେ ଜମାକାରୀଙ୍କ ଟଙ୍କା ଫେରିବା ପରେ ବ୍ୟାଙ୍କର ପୁନଃ ପରିଚଳାନା ହୋଇପାରିବ କି ନାହିଁ ସେନେଇ ବାରିପଦାବାସୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ।

# ଘରେ ପଶି ମରଣାନ୍ତକ ଆକ୍ରମଣ, ୩ ଗିରଫ



ଗିରଫ ୩ ଅଭିଯୁକ୍ତ ଓ ଜବତ ଧାରୁଆ ଅସ୍ତ୍ର।

**ବଡବିଲ, ୧୫।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଦାମୁ ହଟିଂସ୍ଥିତ ଜଣେ ବ୍ୟକ୍ତିଙ୍କ ଘରେ ପଶି ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ସୋମବାର ସନ୍ଧ୍ୟାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଦାମୁ ହଟିଂ ଅଞ୍ଚଳରେ ରହୁଥିବା ମୁନା ଓରଫ୍ ମହେନ୍ଦ୍ର ମହାକୁଡ, ରାଜୁ ପ୍ରଧାନ ଏବଂ ମଙ୍ଗୁଲୁ ଗୋପ୍। ପୋଲିସ ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୦ ତାରିଖ ରାତିରେ ଦାମୁ ହଟିଂର ସଞ୍ଜୀୟ କାରୁଆ ଘରେ ଥିବାବେଳେ ୩ ଜଣ ଦୁର୍ବୃତ୍ତ ଜୋରଜବରଦସ୍ତ ତାଙ୍କ ଘରେ ପଶି ସଞ୍ଜୀୟଙ୍କ ସହ ତାଙ୍କ ଭାଇ ଓ ଭଉଣୀଙ୍କୁ ମାଡ ମାରିଥିଲେ। ଦୁର୍ବୃତ୍ତମାନେ ବିଭିନ୍ନ ଧାରୁଆ ଅସ୍ତ୍ର ନେଇ ଆସିଥିବାବେଳେ ସଞ୍ଜୀୟଙ୍କ ବାପାଙ୍କୁ ଆଶାଳୀନ ବ୍ୟବହାର କରିବା ସହ ମାଡ ମାରି ହାତ ଭାଙ୍ଗି ଦେଇଥିବେ ସହ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଏତଲାରେ ଉଲ୍ଲେଖ ହୋଇଛି। ଏ ନେଇ ବଡବିଲ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ସୋମବାର ୩ଜଣ ଯାକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତ ମାନଙ୍କ ଠାରୁ ବିଭିନ୍ନ ଧାରୁଆ ଅସ୍ତ୍ର ମଧ୍ୟ ଜବତ କରିଛି।

# ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ, ୧୫।୯**

ବାଲେଶ୍ୱର ଜିଲାର ଅନୁସୂଚିତ ଜାତି ଓ ଜନଜାତିର ଶିକ୍ଷକ ସଂଘ ପକ୍ଷରୁ ମହାମାରୀ କରୋନା ସମୟରେ ଛାତ୍ରୀଛାତ୍ରଙ୍କୁ ଗାଁ ଗାଁକୁ ଯାଇ ପାଠ ପଢ଼ାଇବା (ଏଏଲଏମ୍ପି) ଶିକ୍ଷାନୀତିକୁ ବିରୋଧ କରି ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୋମବାରଠାରୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ପତ୍ର ସଂଖ୍ୟା (୧୧୬୭୨୧)୧୧।୯।୨୦୨୦ ଅନୁସାରେ ଦ୍ୱିତୀୟ ପର୍ଯ୍ୟାୟ ଏଏଲଏମ୍ପି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କରୋନା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମକୁ ଜିଲାର ଶିକ୍ଷୟିତ୍ରୀଶିକ୍ଷକମାନେ ସୁଚାରୁ ରୂପେ ତୁଲାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟକୁ କରୋନା ଭୟାବହତାକୁ ନଜରରେ ରଖି ବିରୋଧ କରୁଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଏଏଲଏମ୍ପି କାର୍ଯ୍ୟକ୍ରମରେ ସୋମବାର ଶିକ୍ଷୟିତ୍ରୀଶିକ୍ଷକମାନେ ବିଭିନ୍ନ ଗାଁକୁ ଯାଇଥିଲେ। ଅଭିଭାବକମାନେ ଛାତ୍ରୀଛାତ୍ରଙ୍କୁ ନ ଛାଡ଼ିବା ସହ ଅନ୍ୟପକ୍ଷରେ ସେମାନଙ୍କୁ ପାଠ ପଢ଼ାଇବା ପାଇଁ ସ୍ଥାନ ମଧ ଦେବାରେ ଗ୍ରାମବାସୀ ବିରୋଧ କରିଥିଲେ। ଏହିପରି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଗକୁ ବର୍ଦ୍ଧିତ କରିବା ପାଇଁ ଦାବି କରି ଜିଲା ଅନୁସୂଚିତ ଜାତି ଓ ଜନଜାତିର ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର କର୍ମକର୍ତ୍ତା ଅଜୟ କୁମାର ଗିରି, ରତିକାନ୍ତ ପାତ୍ର, ରାଜୀବଲୋଚନ ପାତ୍ର, ସୁଶାନ୍ତ କୁମାର ଗିରି ଓ ପିତାମ୍ବର ରାଜ ଓ ଆଦିକନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମଉଳିଗଲା ବିଶ୍ୱକର୍ମା ପୂଜା ମଉଜ

**କେନ୍ଦୁଝର, ୧୫।୯ (ସ୍ୱ.ପ୍ର.)**

ଖଣି ଓ ଶିଳ୍ପ ସମୃଦ୍ଧ କେନ୍ଦୁଝର ଜିଲାରେ ବିଶ୍ୱକର୍ମା ପୂଜା ଧୁମ୍ଧାମ୍ରେ ପାଳିତ ହୁଏ। ଖଣି ତଥା ଶିଳ୍ପ, ନେସ୍କୋ ଅଫିସ, ଓଏସଆରଟିସି ଅଫିସ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନ, ଗ୍ୟାରେଜ ଗୁଡ଼ିକରେ ବେଶ୍ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଥାଏ। ଏଥିରେ ବିଶେଷ କରି ଶ୍ରମିକ, କର୍ମଚାରୀ ମାନେ ସାମିଲ ହୋଇଥାନ୍ତି। କିନ୍ତୁ ଚଳିତ ବର୍ଷ କୋଭିଡ କଟକଣା ଯୋଗୁଁ ଏହି ପୂଜା ଫିକା ହୋଇଯାଇଛି। କେତେକ ସଂସ୍ଥା ଓ ଅନୁଷ୍ଠାନ ବିନା ମେଢ ଓ ଆଲୋକ ସଜାରେ ପୂଜାର୍ଚ୍ଚନା କରୁଛନ୍ତି। ଏଥିପାଇଁ ଚଳିତ ବର୍ଷ ମୂର୍ତ୍ତି କାରିଗରମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ସରକାରଙ୍କ ମୂର୍ତ୍ତିର ସାଇଜ ନିର୍ମାଣ ଓ ସାର୍ବଜନୀନ ପାଳନ ଉପରେ କଟକଣା ଲଗାଇବା କାରଣରୁ ବଡ ବଡ ମୂର୍ତ୍ତି ଗଢ଼ାଯାଇନାହିଁ। ଯଉଁ ସବୁ ମୂର୍ତ୍ତି ଗଢିଛନ୍ତି ସେସବୁ ମଧ ବିକ୍ରି ହୋଇ ପାରୁନଥିବାରୁ କ୍ଷତିଗ୍ରସ୍ତ ହେବାକୁ ପଡିଛି। ଚଳିତ ବର୍ଷ ନେସ୍କୋ ଅଫିସ କାର୍ଯ୍ୟାଳୟ ଖାଁ ଖାଁ ଲାଗୁଛି। ସେହିପରି ଓଏସଆରଟିସି ଅଫିସ ପରିସର ମଧ୍ୟ ଖାଁ ଖାଁ ଲାଗୁଛି । ସେହିପରି ଯୋଡା, ବଡବିଲ, ବଲାଣୀ ଆଦି ଖଣିଖାଦାନ ଅଞ୍ଚଳରେ ମଧ୍ୟ ବିଶ୍ୱକର୍ମା ପୂଜା ଚଳିତ ବର୍ଷ କରୋନା କଟକଣା ପାଇଁ ଫିକା ପଡିଯାଇଛି ।

# ସିପିଏମ୍ ପକ୍ଷରୁ ପ୍ରତିବାଦ ସଭା

**ବାଲେଶ୍ୱର ଅଫିସ, ୧୫।୯**

ବାଲେଶ୍ୱର ଫାଣ୍ଡି ଛକଠାରେ ସିପିଏମ୍ ପକ୍ଷରୁ ମଙ୍ଗଳବାର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସିପିଏମ୍ ବାଲେଶ୍ୱର ସହର ଆଞ୍ଚଳିକ କମିଟି ସମ୍ପାଦକ ନିକୁଞ୍ଜ ବସନ୍ତରାଏଙ୍କ ଅଧକ୍ଷତା କରି ବାମପନ୍ଥୀ ନେତାଙ୍କ ସମେତ ବୁଦ୍ଧିଜୀବୀଙ୍କ ବିରୋଧରେ ମିଥ୍ୟା ମାମଲା ତୁରନ୍ତ ପ୍ରତ୍ୟାହାର କର ବୋଲି ଦାବି କରିବା ସହ କେନ୍ଦ୍ରରେ ଆର୍ଏସ୍ଏସ୍ ପରିଚାଳିତ ଭାଜପା ସରକାର କ୍ଷମତାକୁ ଆସିବା ପରେ ଦେଶର ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ମିଥ୍ୟା ମାମଲା ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସମାଜସେବୀ ଯୋଗେନ୍ଦ୍ର ଯାଦବ, ପ୍ରଫେସର ଜୟନ୍ତୀ ଘୋଷ, ପ୍ରଫେସର ଅପୂର୍ବା ନନ୍ଦ, ଡକୁମେଣ୍ଟାରୀ ଫିଲ୍ମ ନିର୍ମାତା ରାହୁଲ ରାୟଙ୍କ ବିରୋଧରେ ରୁଜୁ କରିଛନ୍ତି। ଏହା ଗଣତନ୍ତ୍ରର ଖୋଲାଖୋଲି ଉଲ୍ଲଂଘନ ପ୍ରତିବାଦ ସଭାରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ସଭାରେ ସିପିଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନିର୍ମଳ ନାୟକ, ସିପିଏମ୍ ବାଲେଶ୍ୱର ଜିଲା ସମ୍ପାଦକ ଶିଶିର ହୁଇ, ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରେମରଞ୍ଜନ ପାତ୍ର, ଟ୍ରାନ୍ସପୋର୍ଟ କର୍ମଚାରୀ ୟୁନିଅନ୍ର ସମ୍ପାଦକ ରାଜ ଲେଙ୍କା, ନାରୀନେତ୍ରୀ ସନ୍ଧ୍ୟା ଦାସ ମଜୁମଦାର, ଯୁବନେତା ସିକନ୍ଦର ଖାଁ, ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ଉପରୋକ୍ତ ବୁଦ୍ଧିଜୀବୀଙ୍କ ଉପରୁ ମିଥ୍ୟା ମାମଲା ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି।

# ଅଫ୍ଲାଇନ୍ କ୍ଲାସ୍ ଆରମ୍ଭ



ବଳଦେବଜୀଉ ମନ୍ଦିର ସମ୍ମୁଖରେ ପିଲାମାନେ ଶିକ୍ଷା ଗ୍ରହଣ କରୁଛନ୍ତି।

**ଭଣ୍ଡାରିପୋଖରୀ,୧୫।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତ ଅନ୍ତର୍ଗତ ମଞ୍ଜୁରୀ ସ୍ଥିତ ବଳଦେବଜୀଉ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଅଫ୍ଲାଇନ ପାଠପଢା ଆରମ୍ଭ ହୋଇଛି। କରୋନା ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ମମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗତ ୧୦ ତାରିଖଠାରୁ ଏହା ଚାଲିଆସୁଛି। ପ୍ରତ୍ୟେକ ଦିନ ତୃତୀୟରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଗଣିତ, ସାହିତ୍ୟ, ଇଂଲିଶ ବିଷୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗ୍ରାମକୁ ଗ୍ରାମ ବୁଲି ଶିକ୍ଷାଦାନ କରୁଛନ୍ତି। କୋଭିଡ୍ କଟକଣା ମାନି ଶିକ୍ଷାଦାନ କରାଯାଉଛି। ଦୀର୍ଘଦିନ ବିଦ୍ୟାଳୟ ବନ୍ଦ ରହିବା ଓ ଅନ୍ଲାଇନ ପାଠପଢାରେ ଅସୁବିଧା ଯୋଗୁ ଏଭଳି ପଦକ୍ଷେପ ନିଆଯାଇଛି। ଏନେଇ ଅଭିଭାବକ, ସ୍କୁଲ ପରିଚାଳନା କମିଟି ସଭ୍ୟା ସଭ୍ୟ, ସ୍ଥାନୀୟ ସରପଞ୍ଚ ମନୋଜ ନାୟକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପଦକ୍ଷେପକୁ ସମର୍ଥନ କରିଛନ୍ତି। ସ୍କୁଲ ଖୋଲିବା ପର୍ଯ୍ୟନ୍ତ ଏହି ପ୍ରୟାସ ଜାରି ରହିବ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ମତ ଦେଇଛନ୍ତି।

# ହିତାଧିକାରୀଙ୍କ ନାଁରେ ଜାଲିଆତି, ଋଣ ଅର୍ଥ ହଡ଼ପ

**ବନ୍ତ,୧୫।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତସ୍ଥିତ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କରେ ହିତାଧିକାରୀଙ୍କ ନାମରେ ଜାଲିଆତି କରି ଲକ୍ଷାଧିକ ଟଙ୍କା ଋଣ ଅର୍ଥ ହଡ଼ପ କରାଯାଇଥିବା ବନ୍ତ ଥାନାରେ ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁଯାୟୀ, ଗତ ୨୦୧୬ ମେ ୩୧ରେ ସରମରା ଗ୍ରାମର ମାନସ ବେହେରା ବନ୍ତ ସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ଛୟାଳସିଂ ବଜାରସ୍ଥିତ ଜନସେବା କେନ୍ଦ୍ରର ମାଲିକ ତଥା ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ଭି.ସି. ଖଗେଶ୍ୱର ବେହେରା ମାନସଙ୍କୁ ୫୦ ହଜାର ଟଙ୍କାର ସବ୍ସିଡ୍ ଋଣ କରାଇ ଦେବା ପାଇଁ ତାଙ୍କଠାରୁ ଆଧାର କାର୍ଡ, ପାସ୍ ବୁକ୍, ଚେକ୍ ବୁକ୍ ସମେତ ଖର୍ଚ୍ଚ ବାବଦକୁ ୩ ହଜାର ଟଙ୍କା ନେଇଥିଲେ । ୨ ମାସ ପରେ ତାଙ୍କର ବାଇକ୍ ଲୋନ୍ ଅଛି ତେଣୁ ଲୋନ୍ ହୋଇପାରିବ ନାହିଁ ବୋଲି କହିଥିଲେ । ପରେ ତାଙ୍କଠାରୁ ୫ଟି ବ୍ଲାଙ୍କ୍ ଚେକ୍ରେ ଦସ୍ତଖତ ଏବଂ ଏଟିଏମ୍ କାର୍ଡ ନେଇ ନିଜ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଦେଇଥିଲେ ବର୍ଷକ ପରେ ପିଏନ୍ବି ବ୍ୟାଙ୍କର ୨ କର୍ମଚାରୀ ମାନସଙ୍କ ଘରେ ପହଞ୍ଚି ତାଙ୍କ ନାମରେ ୫ ଲକ୍ଷ ଟଙ୍କାର ଋଣ ଥିବା କହିଥିଲେ । ମାନସ ବ୍ୟାଙ୍କ ଆସି ପାସ୍ ବୁକ୍ ଅପ୍ଡେଟ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ଖଗେଶ୍ୱର ବେହେରାଙ୍କ ଆକାଉଣ୍ଟକୁ ୪ ଲକ୍ଷ ୨୨ ହଜାର ୯ ଶହ ୭୨ ଟଙ୍କା ଟ୍ରାନ୍ସଫର ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଟଙ୍କା ଖଗେଶ୍ୱର ବେହେରାଙ୍କ ଆକାଉଣ୍ଟକୁ କେମିତି ଗଲା ଏବଂ ଏହାକୁ ଏଟିଏମ୍ କାର୍ଡ ଓ ବ୍ଲାଙ୍କ୍ ଚେକ୍ ମାଧମରେ ହଡ଼ପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ସେହିପରି ଛୟାଳସିଂ ଗ୍ରାମର ଜଗନ୍ନାଥ ବେହେରା ଉକ୍ତ ଜନସେବା କେନ୍ଦ୍ରରେ ପିଏନ୍ବି ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ଫର୍ମ ପୂରଣ କରିଥିଲେ । ମାତ୍ର ସେ କୌଣସି ଋଣ ଅର୍ଥ ନେଇ ନ ଥିବା ବେଳେ ତାଙ୍କ ନାମରେ ଜାଲିଆତି କରାଯାଇ ୪ ଲକ୍ଷ ଟଙ୍କା ହଡ଼ପ କରାଯାଇଛି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଥାନାଧିକାରୀ ମିନା ବିନ୍ଧାଣୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବା କହିଛନ୍ତି।

# ଢାବା ଭାଙ୍ଗିବା ସହ ମଦ ନଷ୍ଟ କଲେ ମହିଳା

**ଖଇରା, ୧୫।୯(ଡି.ଏନ.ଏ.)**

**ମଦ ଦୋକାନୀଙ୍କ ଆକ୍ରମଣରେ ଗ୍ରାମବାସୀ ଗୁରୁତର**

ବାଲେଶ୍ୱର ଜିଲା ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ଶଙ୍କଣା ଗ୍ରାମରେ ମଦ ବିକ୍ରି କରିବା ସହ ଗ୍ରାମବାସୀଙ୍କୁ ମାଡ ମାରି ଗୁରୁତର କରିବା ଅଭିଯୋଗରେ ଖଇରା ପୋଲିସ ଉକ୍ତ ମଦ ବିକ୍ରେତା ସନ୍ତୋଷ କୁମାର ପରିଡାଙ୍କ ନାମରେ ଏକ ମାମଲା(ନଂ. ୧୮୯/୨୦) ରୁଜୁ କରିଛି । ଉତ୍ତ୍ୟକ୍ତ ମହିଳାମାନେ ରବିବାର ଉକ୍ତ ମଦ ବିକ୍ରେତାଙ୍କ ଦୋକାନ ଭାଙ୍ଗି ନଷ୍ଟ କରିବା ସହ ମଦକୁ ଢାଳି ନଷ୍ଟ କରି ଦେଇଛନ୍ତି ।

ଉକ୍ତ ବ୍ୟକ୍ତି ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ଏକ ତେଜରାତି ଦୋକାନ ଖୋଲିଥିଲେ। ହେଲେ ତେଜରାତି ଜିନିଷ ବିକିବା ବଦଳରେ ଢାବା ଖୋଲି ମଦ ବିକ୍ରିକୁ ଜୋରଦାର କରିଦେଇଥିଲେ। ୬ଦିନ ତଳେ ଗ୍ରାମର ଲାଲମୋହନ ମହାନ୍ତିଙ୍କ ସହ ବାକି ପଇସାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମଦ ବିକ୍ରେତା ସନ୍ତୋଷ ଏକ ଲୁହା ରଡରେ ପିଟି ଲାଲମୋହନଙ୍କୁ ରକ୍ତାକ୍ତ କରିଦେଇଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେପଟେ ଗ୍ରାମର ୧୨ରୁ ଅଧିକ ମହିଳା ଗୋଷ୍ଠୀ ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ଏବଂ ପରବର୍ତ୍ତୀ ହିଂସା ରୋକିବାକୁ ଉକ୍ତ ଦୋକାନକୁ ଭାଙ୍ଗି ଦେଇଛନ୍ତି । ତେବେ ଘଟଣା ଘଟିବାର ୬ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ମହିଳା ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଶ୍ୟାମସୁନ୍ଦର ବିନ୍ଧାଣୀଙ୍କ ସହ ଯୋଗାଯୋଗ କରିବାରେ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରଯିବାର ବ୍ୟବସ୍ଥା କରାଯାଉଥିବା କହିଛନ୍ତି ।



ମଦ ଦୋକାନ ଭାଙ୍ଗିଥିବା ବିଭିନ୍ନ ମହିଳା ଗୋଷ୍ଠୀର ସଦସ୍ୟା।

# ବନ୍ୟାରେ ୧୧ ପଞ୍ଚାୟତର ୫୦% ଚାଷ କ୍ଷତିଗ୍ରସ୍ତ

**ତିହିଡ଼ି, ୧୫।୯(ସ୍ୱ.ପ୍ର.)**



କ୍ଷତିଗ୍ରସ୍ତ ଧାନ।

**ଚାଷୀ ମୁଣ୍ଡରେ ଚଡ଼କ**

ତିହିଡ଼ି ବ୍ଲକରେ ଚଳିତ ବନ୍ୟା ଯୋଗୁ ୧୧ ପଞ୍ଚାୟତର ୫୦ ପ୍ରତିଶତ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ନେଇ ବ୍ଲକ କୃଷି ବିଭାଗ ପକ୍ଷରୁ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ନିକଟରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ତିହିଡ଼ି ବ୍ଲକର ବିଭିନ୍ନ ତଳିଆ ପଞ୍ଚାୟତର ଗାଁ ଗଣ୍ଡାରେ ବନ୍ୟା ପାଣି ପ୍ରବେଶ କରିବା ସହିତ ଧାନ ଜମିରେ ଜମି ରହିଥିଲା। ପୂର୍ଣ୍ଣମୀ ତିଥି ଥିବାରୁ ବନ୍ୟା ପାଣି ତଳକୁ ଗଡ଼ି ନପାରି ପ୍ରାୟ ସପ୍ତାହେ ଧରି ଚାଷ ଜମିରେ ଜମି ରହିଥିଲା। ଅନ୍ୟପକ୍ଷରେ ପାଣି ନିଷ୍କାସନର ଅନ୍ୟ କୌଣସି ବିକଳ୍ପ ନଥିବାରୁ ଖାଲୁଆ ଜମି ଗୁଡ଼ିକରେ ପାଣି ଜମି ରହି ଧାନ ଫସଲକୁ ନଷ୍ଟ କରି ଦେଇଥିଲା। ଚଳିତ ବର୍ଷ ବ୍ଲକର ୩୧ ପଞ୍ଚାୟତରେ ମୋଟ ୨୦ ହଜାର ୬ଶହ ୨୩ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ବିଲଣା, ବାରୋ, ବୋଡ଼କ, ବାରସର, ଗୋବିନ୍ଦପୁର, କାଁପଡ଼ା, ଶ୍ୟାମସୁନ୍ଦରପୁର, ସିନ୍ଦୋଳ, କୋହ୍ଲ, ଦୌଲତପୁର ଓ ହରିସିଂପୁର ପଞ୍ଚାୟତର ୫ହଜାର ୪୩୩ ହେକ୍ଟର ଜମିରେ ଧାନ ଚାଷ ନଷ୍ଟ ହୋଇଥିବା ବ୍ଲକ କୃଷି ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି। ଅନ୍ୟ ୨୦ଟି ପଞ୍ଚାୟତରେ ଧାନ ଚାଷରେ ୫୦ ପ୍ରତିଶତରୁ କମ କ୍ଷୟ କ୍ଷତି ହୋଇଥିବାର ରିପୋର୍ଟ ମଧ ପ୍ରଦାନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଚଳିତ ବର୍ଷ କରୋନା କଟକଣା ସହିତ ପ୍ରତିକୂଳ ପାଗ ଯୋଗୁ ଚାଷୀମାନେ ବହୁ କଷ୍ଟ ସ୍ୱୀକାର କରି ଧାନ ଚାଷ କରିଥିଲେ। ସେହିପରି ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ତଥା ହାତଉଦ୍ଧାରି ଋଣକରଜ କରି ଚାଷରେ ବିନିଯୋଗ କରିଥିଲେ। ମାତ୍ର ବନ୍ୟା ଜନିତ ଦୈବ ଦୁର୍ବିପାକ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଯାହା ଫଳରେ ସେମାନଙ୍କର ବର୍ଷକର ସମ୍ବଳ ଉଜୁଡ଼ି ଯାଇଛି। ବର୍ଷକର ଦାନା ଉଜୁଡ଼ି ଯାଇଥିବାରୁ ପରିବାର ପ୍ରତିପୋଷଣ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡିଯାଇଛି। ସରକାରଙ୍କ ପକ୍ଷରୁ ଏହାର ତଦନ୍ତ କରାଯାଇ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବାକୁ ଚାଷୀମାନେ ଦାବି କରିଛନ୍ତି।

